## ସଂକ୍ଷେପରେ

### ଅଣୁ ଯୋଜନା ସମ୍ପର୍କିତ ପ୍ରଶିକ୍ଷଣ

**କାମାକ୍ଷାନଗର, ୧୯।୧୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍ ପକ୍ଷରୁ ଶୁକ୍ରବାର ଆଲୁଅଟରଣ ହାଇସ୍କୁଲରେ ଅଣୁ ଯୋଜନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଯୋଗଦେଇଥିଲେ। ଜଙ୍ଗଲରେ ପଡ଼ୁଥିବା ପତ୍ର, ଶୁଖିଲା କାଠକୁ ବ୍ୟବହାର କରି ଅଣୁସାର ପ୍ରସ୍ତୁତ କରିବା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ବନପାଳ ରମେଶ ଚନ୍ଦ୍ର ପାଣିଗ୍ରାହୀ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ସଂଯୋଜକ ମାନସ ଲେଙ୍କା, ପ୍ରଦୀପ ବିଶ୍ୱାଳ, ସମୀର ନନ୍ଦ, ଆଶିଷ ସାହୁ ପ୍ରମୁଖ ତାଲିମ ଦେଇଥିଲେ। ଆମ୍ବବୋଲ, ଉଦୟଗିରି, ତୁମୁସିଙ୍ଗା, ମହୁଲି, ଆଲୁଅଟରଣର ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ଅରୁଣ, ସୁଶାନ୍ତ ବ୍ଲକ ଯୁବ ବିଜେଡି ସଭାପତି




**ବଇଣ୍ଡା, ୧୯।୧୨(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ପାଇଁ ସୁଶାନ୍ତ ସାହୁ ଏବଂ କିଶୋରନଗର ପାଇଁ ଅରୁଣ ସାହୁଙ୍କୁ ବ୍ଲକ ଯୁବ ବିଜେଡି ସଭାପତି ଭାବେ ଚୟନ କରାଯାଇଛି। ରାଜ୍ୟ ଯୁବ ବିଜେଡି ସଭାପତି ଡ. ବ୍ୟୋମକେଶ ରାୟ ଶନିବାର ଏହି ଘୋଷଣା କରିଛନ୍ତି। ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ଦଳକୁ ମଜଭୁତ୍ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଦୁଇ ଯୁବନେତା କହିଛନ୍ତି। ଦାୟିତ୍ୱ ପାଇବା ପରେ ସେମାନେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ରମେଶ ଚନ୍ଦ୍ର ସାଏ, ଦଳୀୟ ନେତା ନଳିନୀକାନ୍ତ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ୬୩ ୟୁନିଟ ରକ୍ତ ସଂଗ୍ରହ

**ଆଠମଲ୍ଲିକ(ଡି.ଏନ୍.ଏ.)/ମାଧପୁର, ୧୯।୧୨:** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କମ୍ପଲା ପଞ୍ଚାୟତର ମା' ଝାଡ଼େଶ୍ୱରୀ ରକ୍ତଦାତା ସଂଘ ପକ୍ଷରୁ ଶନିବାର କମ୍ପଲା ହାଇସ୍କୁଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୬୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିକ୍ଷାବିତ୍ ଯୀଶୁଖ୍ରୀଷ୍ଟ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଆଠମଲ୍ଲିକ ରକ୍ତଭଣ୍ଡାର ଅଧିକାରୀ ଡା. ସୁନୀଲ ପଣ୍ଡା, ସହାୟକ ରବୀନ୍ଦ୍ର ମହାନ୍ତି, ଷ୍ଟାଫ୍‌ନର୍ସ ସ୍ନିଗ୍ଧାରାଣୀ ସିଂ, ଆଟେଣ୍ଡାଣ୍ଟ ସୁଶାନ୍ତ ସାହୁ, ଟେକ୍ନିସିଆନ ଅରକ୍ଷିତ ମାଝି ପ୍ରମୁଖ ଶିବିର ପରିଚାଳନା କରିଥିଲେ। ରାଧାମୋହନ ତ୍ରିପାଠୀ, ତପନ ବେହେରା, ପ୍ରଶାନ୍ତ ସାହୁ, ମହେନ୍ଦ୍ର ପ୍ରଧାନ, ଦିଗେଶ ପ୍ରଧାନ, ସନ୍ତୋଷ ମେହେର, ସଂଘ ସଭାପତି କଳାକାହ୍ନୁ ମିଶ୍ର ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ।

### ଓପିଏସ୍ କଲେଜରେ ୱେବିନାର

**ଢେଙ୍କାନାଳ ଅଫିସ, ୧୯।୧୨:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି (ଓପିଏସ୍) ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର 'କୋଭିଡ୍ ସମୟରେ ଛାତ୍ରୀଛାତ୍ରଙ୍କ ମାନସିକ ବିଷାଦ ଓ ଭୟ ନିରାକରଣ' ଶୀର୍ଷକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ମନସ୍ତତ୍ତ୍ୱବିତ୍ ଡ. ରାଜଲକ୍ଷ୍ମୀ ପଣ୍ଡା ଯୋଗଦେଇ ମାନସିକ ଭୟର କାରଣ, ନିରାକରଣ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ସାମ୍ପ୍ରତିକ ପରିସ୍ଥିତିରେ ମାନସିକ ଦୃଢ଼ତା ବଜାୟ ରଖିବା ଲାଗି ଆହ୍ୱାନ ଦେଇଥିଲେ। କଲେଜର ଡ. ତପନ କୁମାର ପଣ୍ଡା ଉପସ୍ଥିତ ଥିଲେ। ରାଜନୀତି ବିଜ୍ଞାନ ପ୍ରାଧାପିକ ଡ. ମାନସୀ କର, ଅଧାପିକା ନୟନା ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଉଦ୍ଧାର ଅସହାୟଙ୍କ ମୃତ୍ୟୁ

**ଆଠମଲ୍ଲିକ, ୧୯।୧୨(ଡି.ଏନ.ଏ.):** ଆଠମଲ୍ଲିକ ଅଞ୍ଚଳରୁ ଅସହାୟ ଅବସ୍ଥାରେ ଉଦ୍ଧାର ହୋଇଥିବା ମନୋରଞ୍ଜନ ଦାଶଙ୍କ ମୃତ୍ୟୁ ଘଟିଛି। ୨୦୨୦ ସେପ୍ଟେମ୍ବର ୧୮ରେ ମନୋରଞ୍ଜନ ଏବଂ ବାବାଜୀ ଦାସଙ୍କୁ ଉଦ୍ଧାର କରାଯାଇ ଅନୁଗୋଳ ସାମାଜିକ ସୁରକ୍ଷା କାର୍ଯ୍ୟାଳୟକୁ ପଠାଯାଇଥିଲା। ଶନିବାର ମନୋରଞ୍ଜନ ଅସୁସ୍ଥ ହୋଇପଡ଼ିବାରୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିବା ଦିଶା ବରିଷ୍ଠ ନାଗରିକ ଗୃହର ସୁପରିଣ୍ଟେଣ୍ଡେଣ୍ଟ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ପ୍ରଶାସନ ମୃତକଙ୍କ ଶେଷକୃତ୍ୟ କରିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାଧବ ଚନ୍ଦ୍ର ବରାଡ଼ କହିଛନ୍ତି।

# ବଦଳୁନି ବିଦ୍ୟୁତ୍ ବ୍ୟବସ୍ଥା

(ପରିକ୍ଷିତ ସାହୁ)
**ବଇଣ୍ଡା, ୧୯।୧୨**

କମ୍ପାନୀ ବଦଳିଲେ ବ୍ୟବସ୍ଥାରେ ପରିବର୍ତ୍ତନ ଦେଖିବାକୁ ମିଳେ। ପୂର୍ବାପେକ୍ଷା ସେବାରେ ମଧ କିଛିଟା ଉନ୍ନତି ଆସେ। ହେଲେ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ବିଦ୍ୟୁତ୍ ବ୍ୟବସ୍ଥାରେ ସେପରି କିଛି ଘଟି ନାହିଁ। ୨୦୧୨ରେ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ)ଠାରୁ ଏନ୍‌ଜେନ୍ ଦାୟିତ୍ୱ ନେଇଥିଲା। ୨୦୨୦ ଜୁନ୍‌ରୁ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ହାତକୁ ବିଦ୍ୟୁତ୍ ସେବା ଚାଲିଯାଇଛି। ଇତିମଧ୍ୟରେ ୬ ମାସ ବିତିଯାଇଥିଲେ ମଧ ଉପଖଣ୍ଡର ହଜାର ହଜାର ଉପଭୋକ୍ତା ସେବାରେ ସେପରି କିଛି ଲାଭ ପାଇପାରି ନାହାନ୍ତି। ୨୪ ଘଣ୍ଟିଆ ବିଦ୍ୟୁତ୍ ଏବେବି ସ୍ୱପ୍ନ ହୋଇ ରହିଥିବାବେଳେ ଅନେକ ସ୍ଥାନରେ ପୂର୍ବପରି କାଠ, ବାଉଁଶ ଖୁଣ୍ଟରେ ଏଲ୍‌ଟି ତାର ଟେକାଯାଇଥିବା ବହୁ ଉପଭୋକ୍ତା ଅଭିଯୋଗ କରିଛନ୍ତି।

ଉପଖଣ୍ଡର ମୋଟ ୪୭ ପଞ୍ଚାୟତକୁ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ବଇଣ୍ଡା, ଆନନ୍ଦପୁର, ଆଠମଲ୍ଲିକ, ମାଧପୁର, ବାମୁର, ଧଉରାପାଲି, ନାକ୍ଚିଠାରେ ସବ୍‌ଷ୍ଟେଶନ ରହିଛି। ବାମୁର, ଧଉରାପାଲି, ନାକ୍ଚି ସବ୍‌ଷ୍ଟେଶନକୁ ରେଢ଼ାଖୋଲ ଗ୍ରୀଡ୍‌କୋରୁ ଏବଂ ଆଠମଲ୍ଲିକ, ବଇଣ୍ଡା, ଆନନ୍ଦପୁର, ମାଧପୁର ସବ୍‌ଷ୍ଟେଶନକୁ ଜାମୁନାଳୀ ଗ୍ରୀଡ୍‌କୋରୁ ୩୩ କେଭି ଲାଇନ୍ ଟଣାଯାଇଛି। ମୋଟ ୪୫ ହଜାର ୪୬୫ ଉପଭୋକ୍ତାଙ୍କ ପାଇଁ ଥିବା ୭ ସବ୍‌ଷ୍ଟେଶନ ଦାୟିତ୍ୱରେ ୩ କନିଷ୍ଠ ଯନ୍ତ୍ରୀ ରହିଛନ୍ତି। ୨୦ ଲାଇନ୍‌ମ୍ୟାନ, ଠିକା ସଂସ୍ଥା ପକ୍ଷରୁ ୮୦ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ତଥାପି ବିଦ୍ୟୁତ୍ ଯୋଗାଣ ଠିକ୍ ଭାବେ ହୋଇପାରୁ ନାହିଁ। ଦୈନିକ ୧୦ରୁ ୧୫ ଥର ପାୱାର କଟ୍ ହେଉଛି। ବିଶେଷକରି ଆଠମଲ୍ଲିକ ବ୍ଲକର ପେଡ଼ିପଥର, ସାନହୁଲା, ସାପଘରା, ପାଇକସାହି, ଟାପଡୋଲ ପଞ୍ଚାୟତରେ ରାତି ୧୦ଟାରୁ ସକାଳ ୫ଟାଯାଏ ଲାଇନ୍ କାଟି ଦିଆଯାଉଛି। ଜଙ୍ଗଲ ଅଧ୍ୟୁଷିତ ଓ ହାତୀଙ୍କ ଚଲାପଥ ଥିବାରୁ ସୁରକ୍ଷା କାରଣରୁ ଏପରି କରାଯାଉଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ସେହିପରି କନ୍ତପଡ଼ା, ମଇମୁରା, ଆମ୍ବଶରମୁଣ୍ଡା ଆଦି ପଞ୍ଚାୟତ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ପାଇଁ ୧୧ କେଭି ତାରରେ ଫାଶ ବସାଯାଉଥିବାରୁ ରାତିରେ ବିଦ୍ୟୁତ୍ ଯୋଗାଣରେ ବିଭ୍ରାଟ ସୃଷ୍ଟି ହେଉଛି। ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ପରି ଅନେକ ଗାଁରେ ଓହଳି ରହିଥିବା ଏଲ୍‌ଟି ଲାଇନ୍ ତାରକୁ ଉପରକୁ ଉଠାଇବା ପାଇଁ ସ୍ଥାୟୀ ସିମେଣ୍ଟ, ଲୁହା ଖୁଣ୍ଟ ବସାଯାଉ ନାହିଁ। ଫଳରେ ସେବା ଜାରି ରଖିବା ପାଇଁ ବାଧହୋଇ ଗ୍ରାମବାସୀ କାଠ, ବାଉଁଶ ଦ୍ୱାରା ତାରକୁ ଟେକି ରଖୁଥିବା କହିଛନ୍ତି। ଅନ୍ୟପଟେ ଉପଖଣ୍ଡର ଗ୍ରାମ୍ୟ ଜଳଯୋଗାଣ ବିଭାଗ ଉପରେ ୧ କୋଟି ୪୨ ଲକ୍ଷ ଟଙ୍କା ଓ ସରକାରୀ ବିଦ୍ୟାଳୟଗୁଡ଼ିକ ଉପରେ ୨୦୨୦ ଅକ୍ଟୋବର ସୁଦ୍ଧା ୧୦ ଲକ୍ଷ ୫୨ ହଜାର ଟଙ୍କା ବକେୟା ପଡ଼ିଛି। ଉପଭୋକ୍ତାମାନେ ୧୫ କୋଟି ୬ ଲକ୍ଷ ୯୭ ହଜାର ଟଙ୍କାର ବିଦ୍ୟୁତ୍ ଦେୟ ଦେଇ ନ ଥିବା ସୂଚନା ମିଳିଛି।


ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତରେ କାଠ ପୋତି ବିଦ୍ୟୁତ୍ ତାର ଟଣାଯାଇଛି।

- ଆଠମଲ୍ଲିକ ଉପଖଣ୍ଡବାସୀଙ୍କୁ ମିଳୁନି ୨୪ ଘଣ୍ଟିଆ ସେବା
- ହାତୀ ସୁରକ୍ଷା ପାଇଁ ରାତିରେ କାଟିଦିଆଯାଉଛି କରେଣ୍ଟ
- ସିମେଣ୍ଟ, ଲୁହା ପରିବର୍ତ୍ତେ କାଠ ଖୁଣ୍ଟରେ ଟେକାଯାଇଛି ତାର

### ପାଠପଢ଼ାରେ ଅସୁବିଧା ହେଉଛି



"ବଇଣ୍ଡା ଅଞ୍ଚଳକୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ମିଳୁନାହିଁ। ଦିନବେଳା ବାରମ୍ବାର ପାୱାର କଟ୍ ହେଉଥିବାବେଳେ ରାତିରେ ଘଣ୍ଟା ଘଣ୍ଟା ସେବା ବିଚ୍ଛିନ୍ନ କରାଯାଉଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅସୁବିଧା ହେଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

-ରଞ୍ଜନ ପ୍ରଧାନ, କଦଳୀମୁଣ୍ଡା

### ରାତିସାରା ବିଦ୍ୟୁତ୍ ରହୁନି



"ହାତୀଙ୍କ ସୁରକ୍ଷା ପାଇଁ ରାତି ୧୦ଟା ପରଠାରୁ ବିଦ୍ୟୁତ୍ କାଟି ଦିଆଯାଉଛି। ଭୋର୍ ୫ଟାରେ ସେବା ଚାଲୁ କରାଯାଉଥିବାରୁ ବହୁ ଅସୁବିଧା ହେଉଛି। ଦୀର୍ଘବର୍ଷ ହେବ ଏହାର ସ୍ଥାୟୀ ସମାଧାନ କରାଯାଉ ନାହିଁ। ଜଙ୍ଗଲରେ ଲମ୍ବା ସିମେଣ୍ଟ ଖୁଣ୍ଟରେ ତାର ଟଣାଗଲେ ଏପରି ଅସୁବିଧା ହୁଅନ୍ତା ନାହିଁ।

-ସନ୍ତୋଷ କୁମାର ଦେହୁରୀ, ସାନଗୋବିନ୍ଦପୁର

### ଅଘୋଷିତ ପାୱାର କଟ୍ ବାଧୁଛି



"ବିନା କାରଣରେ ବିଦ୍ୟୁତ୍ କାଟ କରାଯାଉଛି। ଦୈନିକ ୧୦ରୁ ଅଧିକ ଥର ଏପରି ହେଉଥିବାରୁ ବହୁ ଅସୁବିଧା ହେଉଛି। ଗ୍ରାମାଞ୍ଚଳର ଅନେକ ସ୍ଥାନରେ ତାର ଓହଳି ରହିଛି। ବିପଦସଙ୍କୁଳ ଅବସ୍ଥାରେ ସେସବୁ ଥିବାରୁ ନୂଆ ଖୁଣ୍ଟ ବସାଗଲେ ସେବାରେ ଉନ୍ନତି ଆସିପାରନ୍ତା।

-ପ୍ରଦୀପ ପ୍ରଧାନ, ପତକା

### ମାତ୍ରାଧିକ ବିଲ୍ ଆଦାୟ କରାଯାଉଛି



"ବହୁ ବିପିଏଲ୍ ଉପଭୋକ୍ତାଙ୍କ ମିଟର ଖରାପ ଥିବାରୁ ସେମାନଙ୍କଠାରୁ ମାତ୍ରାଧିକ ବିଲ୍ ଆଦାୟ କରାଯାଉଛି। କରୋନା ସମୟରେ ଲୋକଙ୍କ ରୋଜଗାର ହ୍ରାସ ହୋଇଥିବାରୁ ଜୁଲମ କରା ନ ଯାଇ କିସ୍ତି ମାଧମରେ ସେମାନଙ୍କଠାରୁ ଦେୟ ଆଦାୟ ବ୍ୟବସ୍ଥା କରାଗଲେ ଭଲ ହୁଅନ୍ତା।

- ଦିଲେଶ୍ୱର ନାୟକ, ମନ୍ଦରବାହାଳ

### ବ୍ୟବସ୍ଥାରେ ସୁଧାର ପାଇଁ ପଦକ୍ଷେପ ନିଆଯାଉଛି



"ମେଣ୍ଟେନାନ୍ସ ସମସ୍ୟା ଯୋଗୁ ଗ୍ରାମାଞ୍ଚଳରେ କିଛି ସମୟ ବିଦ୍ୟୁତ୍ କାଟ କରାଯାଉଛି। ଆସନ୍ତା ୨୦୨୧ ମାର୍ଚ୍ଚ ସୁଦ୍ଧା ଏହି ସମସ୍ୟାର ସମାଧାନ ହେବ। ଉପଖଣ୍ଡର ଉପଭୋକ୍ତାମାନେ କିପରି ଉନ୍ନତ ସେବା ପାଇପାରିବେ, ସେଥିପାଇଁ ପଦକ୍ଷେପ ନିଆଯାଉଛି। ଏଲ୍‌ଟି ଲାଇନ୍‌ର ଶୀଘ୍ର ମରାମତି କରାଯିବ। ଗ୍ରାହକମାନେ ବକେୟା ଶୀଘ୍ର ପୈଠ କଲେ ଭଲ ହେବ।

- ସୀପକ ରଞ୍ଜନ ଦାସ, ଏସ୍‌ଡିଓ, ଟିପିସିଓଡିଏଲ୍

### ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୧୯।୧୨(ଡି.ଏନ.ଏ.)**

କିଶୋରନଗର ଥାନା କଳାବେଢ଼ା ଗ୍ରାମର ଲିପିକା ପ୍ରଧାନଙ୍କୁ ତାଙ୍କ ପୁତୁରା ସୁଧୀର ପ୍ରଧାନ ମାଡ଼ ମାରିଥିବା ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ନଂ.୧୮୨/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଲିପିକା ଏବଂ ସୁଧୀରଙ୍କ ମଧ୍ୟରେ ଜମିବାଡ଼ି ସମସ୍ୟାକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ଏହାକୁ କେନ୍ଦ୍ର କରି ମାଡ଼ ମରାଯାଇଥିବା ଲିପିକା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ପୁରୁଣା ମାଣତ୍ରୀରେ ଖୋଲିଲା ମଣ୍ଡି

**ମାଧପୁର, ୧୯।୧୨**

ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ପୁରୁଣାମାଣତ୍ରୀ ସମବାୟ ସମିତିରେ ଶନିବାର ମଣ୍ଡି ଖୋଲିଛି। ପ୍ରଥମ ଦିନରେ ୧୧ ଚାଷୀ ଧାନ ଦେଇଛନ୍ତି। ଏଆର୍‌ସିଏସ୍ ସୁରେନ୍ଦ୍ର ଜେନା, ସମିତିର ସମ୍ପାଦକ ସତ୍ୟବ୍ରତ ବେହେରାମାଳି, ଆର୍‌ଏମ୍‌ସି କର୍ମଚାରୀ ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଚାନ୍ଦା ମାଗି ଜଣେ ଗିରଫ

**କଣିହାଁ, ୧୯।୧୨(ଡି.ଏନ.ଏ.)**

ପାଉଁଶ ବୋଝେଇ ଗାଡ଼ିରୁ ଚାନ୍ଦା ଜୋରଜବରଦସ୍ତ ଚାନ୍ଦା ଆଦାୟ କରିବା ଅଭିଯୋଗରେ ଅନୁଗୋଳ ଜିଲା କଣିହାଁ ପୋଲିସ ହନୁମାନପୁର ଗ୍ରାମର ପଞ୍ଚାନନ ସାହୁ (୪୬)ଙ୍କୁ ଗିରଫ କରିଛି। ଏ ନେଇ ନଂ. ୨୬୩/୨୦ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି। ଡେରେଙ୍ଗ ଗ୍ରାମର ବିଜୟ ସାହୁଙ୍କ ପାଉଁଶ ଗାଡ଼ି ଅଟକାଇ ପଞ୍ଚାନନ ୫୦୦ ଟଙ୍କା ଦାବି କରିଥିଲେ। ଏ ନେଇ ବିଜୟ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଉଚ୍ଛେଦ ବେଳେ ଉତ୍ତେଜନା

**ଅନୁଗୋଳ ଅଫିସ, ୧୯।୧୨**

ଅନୁଗୋଳ ସହର ହୁଲୁରିସିଂହାରେ ସରକାରୀ ଜାଗାରେ ନିର୍ମାଣାଧୀନ ଏକ କ୍ଲବ ଘର ଉଚ୍ଛେଦ ବେଳେ ଶନିବାର ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଥିଲା। ଦୀର୍ଘ ୬ ଘଣ୍ଟା ଧରି ଆଲୋଚନା, ପର୍ଯ୍ୟାଲୋଚନା ଏବଂ କ୍ଲବ ଘର ପାଇଁ ଅନ୍ୟତ୍ର ଜମି ଦେବାକୁ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ହୁଲୁରୁସିଂହା ବିଦ୍ୟାଳୟ ନିକଟରେ ଏକ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯିବାକୁ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ତେବେ ପ୍ରସ୍ତାବିତ ସ୍ଥାନରେ ସ୍ଥାନୀୟ ଲୋକେ ଏକ କ୍ଲବ ଘର ନିର୍ମାଣ କରୁଛନ୍ତି। ବେଆଇନ ଭାବେ ନିର୍ମାଣ ହେଉଥିବାରୁ ଏହାକୁ ଉଚ୍ଛେଦ କରାଯିବା ନେଇ ତାରିଖ ଧାର୍ଯ୍ୟ କରାଯାଇଥିଲା। ଉତ୍ତେଜନା ଆଶଙ୍କା ଥିବାରୁ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ନେତୃତ୍ୱରେ ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ ସାହୁ, ପୌରନିର୍ବାହୀ ଅଧିକାରୀ ଗରିଜା ଶଙ୍କର ମଲ୍ଲିକ, ତହସିଲଦାର ନେହୁରୁ ମାଝି, ଭାରପ୍ରାପ୍ତ ଥାନାଧିକାରୀ ସ୍ମିତା ଟେଟେ ପ୍ରମୁଖ ୩ ପ୍ଲାଟୁନ୍ ପୋଲିସ ସହ ପହଞ୍ଚିଥିଲେ। ତେବେ ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ କାରଣରୁ ପ୍ରଶାସନକୁ ୬ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଘଟଣାସ୍ଥଳରେ ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ପ୍ରତାପ ଚନ୍ଦ୍ର ପ୍ରଧାନ ପହଞ୍ଚିବା ପରେ ପ୍ରତିବାଦକାରୀ ତାତିଥିଲେ। ନେତାମାନେ ପ୍ରଶାସନ ସହ ଆଲୋଚନା କରି ଫେରିଥିଲେ। ଏହାପରେ ଆନ୍ଦୋଳନକାରୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ପୁଣି ଆଲୋଚନା କରିଥିଲେ। ଅଞ୍ଚଳବାସୀଙ୍କ ସୁବିଧା ଲାଗି ଅନ୍ୟତ୍ର ଏକ କ୍ଲବ ଘର ବା ସାମୂହିକ କାର୍ଯ୍ୟରେ ଲାଗିବାକୁ ଥିବା ଗୃହ ନିର୍ମାଣ କରାଯିବ। ସୋମବାର ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଉପଜିଲାପାଳ କହିଛନ୍ତି, ଉକ୍ତ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଲାଗି ନିଷ୍ପତ୍ତି ହୋଇଥିଲା। ଲୋକଙ୍କ ଦାବି ସମ୍ପର୍କରେ ଆଲୋଚନା କରାଯିବା ପରେ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ କହିଛନ୍ତି ପ୍ରଶାସନ ପ୍ରତିଶ୍ରୁତି ନ ରଖିଲେ ନିର୍ମାଣ କାର୍ଯ୍ୟକୁ ବିରୋଧ କରାଯିବ।


କ୍ଲବ ଘର ଉଚ୍ଛେଦ ପ୍ରତିବାଦରେ ଅଞ୍ଚଳବାସୀଙ୍କ ପ୍ରତିବାଦ।

- ପ୍ରଶାସନ ଦେଲା ପ୍ରତିଶ୍ରୁତି
- କ୍ଲବ ପାଇଁ ଦିଆଯିବ ଜାଗା

### ବଢୁଛି କରୋନା ସୁସ୍ଥ ହାର

**ଢେଙ୍କାନାଳ ଅଫିସ, ୧୯।୧୨**

ଢେଙ୍କାନାଳ ଜିଲାରେ କରୋନା ସୁସ୍ଥହାର ବଢୁଛି। ଏପ୍ରିଲ୍ ୯ରୁ ଅଦ୍ୟାବଧି ମୋଟ ୫,୬୮୨ ପିଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୫,୬୩୫ ଜଣ ଆରୋଗ୍ୟ ହୋଇସାରିଲେଣି। ଶନିବାର ୫ ଜଣ ସୁସ୍ଥ ହୋଇଥିବାବେଳେ ହିନ୍ଦୋଳ ଏନ୍‌ଏସିରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏବେ ଜିଲାରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୭କୁ ଖସିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଦେଶୀ ମଦ ଜବତ, ୩ ଗିରଫ

**ଢେଙ୍କାନାଳ ଅଫିସ, ୧୯।୧୨**

ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅଞ୍ଚଳରେ ଶନିବାର ଅବକାରୀ ବିଭାଗ ଚଢ଼ାଉ କରି ୧୬୦ ଲିଟର ଦେଶୀମଦ, ୮୦୦ ଲିଟର ପୋଚ ଏବଂ ୩ ଡେକ୍‌ଚି ଜବତ କରିଛି। ଏହି ଘଟଣାରେ ନେଉଳପୋଇ ଗ୍ରାମର ମହେଶ୍ୱର ଭୋଇ, ହରଡ଼ବେଣାର ଶ୍ରୀଧର ବେହେରା ଏବଂ ଅକ୍ଷୟ ବେହେରାଙ୍କୁ ଗିରଫ କରାଯାଇଥିବା ଅବକାରୀ ନିରୀକ୍ଷକ ସମୀର କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ପୁଣି ଭଙ୍ଗାଗଲା ଇଟାଭାଟି

**ବଇଣ୍ଡା, ୧୯।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ତହସିଲ ପକ୍ଷରୁ ବେଆଇନ ଇଟାଭାଟି ଉପରେ ଚଢ଼ାଉ ଅଭିଯାନ ଜାରି ରହିଛି। ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କ ନେତୃତ୍ୱରେ ଶନିବାର ତୁରୁଡ଼ା ଗ୍ରାମର ସରକାରୀ ଜମିରେ କରାଯାଇଥିବା ଏକ ଇଟାଭାଟିକୁ ଭଙ୍ଗାଯାଇଛି। ଗ୍ରାମର ଦାଶରଥି ସାହୁ ଉକ୍ତ ଜମିରେ ଲକ୍ଷେରୁ ଊର୍ଦ୍ଧ୍ୱ ଇଟା ଗଢ଼ିଥିବା ସୂଚନା ପାଇ ଚଢ଼ାଉ କରାଯାଇଥିଲା। ସେହିପରି ହିମିତିରା ଛକରେ ଥିବା ୩୧ ଡେସିମିଲ ସରକାରୀ ଜମିକୁ ଦୀର୍ଘଦିନ ହେଲା ଜବରଦଖଲ କରି ରଖିଥିଲେ କାମିନୀ ସାହୁ। ଫଳରେ ପଞ୍ଚାୟତ ଦୋକାନ ଗୃହ ନିର୍ମାଣରେ ସମସ୍ୟା ହେଉଥିଲା। ଉକ୍ତ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରି ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ଚଢ଼ାଉରେ କିଶୋରନଗର ଆଇଆଇସି ପ୍ରତିଭା ମାଝି, ଆର୍‌ଆଇ ଶୁଭଶ୍ରୀ ପ୍ରୟଦର୍ଶନୀ, ଶିରିଶ କୁମାର ଧଳସାମନ୍ତ, ଅଗ୍ନିଶମ ଅଧିକାରୀ ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ଏଏସ୍‌ଆଇ ପବିତ୍ର ମୋହନ ବେହେରା ପ୍ରମୁଖ ସାମିଲ ହୋଇଥିଲେ।


ପୋଲିସ ଉପସ୍ଥିତିରେ ବେଆଇନ ଇଟାଭାଟି ଭଙ୍ଗାଯାଉଛି।

# ୧୫୬ ମାମଲା ଫଇସଲା

**ଢେଙ୍କାନାଳ ଅଫିସ, ୧୯।୧୨**

ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମୋଟ ୧୫୬ ମାମଲର ଫଇସଲା କରାଯାଇଛି। ତନ୍ମଧ୍ୟରେ ୩୮ ମୋଟର ଦୁର୍ଘଟଣାଜନିତ, ୯ ପାରିବାରିକ, ୮୮ ଦେୱାନି ୨୧ ଫୌଜଦାରି ଏବଂ ବ୍ୟାଙ୍କ ମାମଲା ରହିଛି। ମୋଟର ଦୁର୍ଘଟଣାଜନିତ ପ୍ରାପ୍ୟ ବାବଦକୁ ୧,୩୭,୨୪୦୦୦ ଟଙ୍କା ପ୍ରଦାନ କରାଯାଇଛି। ବିଭିନ୍ନ ମାମଲାରେ ଜରିମାନା ଏବଂ ବ୍ୟାଙ୍କ ଋଣ ଫଇସଲା ବାବଦକୁ ୫୭,୫୮,୫୧୨ଟଙ୍କା ଆଦାୟ କରାଯାଇଛି।

ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ଶରତ କୁମାର ଦେହୁରୀଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ସିଭିଲକୋର୍ଟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ଅମିୟ କୁମାର ସାହୁ, ବିଚାରପତି ଦୀପ୍ତିରଞ୍ଜନ କାନୁନଗୋ, ରାଜକିଶୋର ମହାପାତ୍ର, ମୁକ୍ତିରଞ୍ଜନ ଶତପଥୀ, ସୁବାସ ଚନ୍ଦ୍ର ଧଳ, ଛାୟାକାନ୍ତ ଦାଶ, ସୁଶୀଲ କୁମାର ସାହୁ, ସାବିତ୍ରୀ ନାୟକ, ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ମୈତ୍ରୀ ସାମନ୍ତରାୟ, ନିଶା ଅଗ୍ରୱାଲ, ଶ୍ରୀମୟୀ ନନ୍ଦ ପ୍ରମୁଖ ମାମଲା ପରିଚାଳନା କରିଥିଲେ। ସିଭିଲକୋର୍ଟ ରେଜିଷ୍ଟ୍ରାର ଲୋପାମୁଦ୍ରା ପଣ୍ଡା, ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା, ସରକାରୀ ଆଇନଜୀବୀ ପତିତପାବନ ମହାପାତ୍ର, କନସିଏଲଟର ସୁଭାସିନୀ ମହାକୁଡଙ୍କ ସମେତ ପ୍ୟାନେଲ ଲୟର, ପାରାଲିଗାଲ ସ୍ୱେଚ୍ଛାସେବୀ ପ୍ରମୁଖ ସହଯୋଗ କରିଥିଲେ।



ଢେଙ୍କାନାଳ ସିଭିଲକୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତ।

# ସରୁନି ହାତୀ-ମଣିଷ ସଂଘର୍ଷ

**କାମାକ୍ଷାନଗର, ୧୯।୧୨(ଡି.ଏନ.ଏ.)**

**କାମାକ୍ଷାନଗର ବନାଞ୍ଚଳ**

- ୩ ବର୍ଷରେ ୧୧ ହାତୀ ମୃତ
- ଯାଇଛି ୨୯ ଜଣଙ୍କ ଜୀବନ
- ଫସଲ ଅମଳ ପରେ ଗାଁମୁହାଁ



କେତେବେଳେ ହାତୀ ମୁହଁରେ ମଣିଷ ତ ଆଉ କେବେ ଶିକାରୀ ଫାଶରେ ହାତୀ। ଥମୁନି ସଂଘର୍ଷ। ବଢୁଛି କ୍ଷୟକ୍ଷତି। ହେଉଛି ଜୀବନହାନି। ଫସଲ ଅମଳ ପରେ ହାତୀପଲ ଜନବସତିମୁହାଁ ହେଉଛନ୍ତି, ଯାହା ନୂଆ ସମସ୍ୟା ସୃଷ୍ଟି କରିଛି। ଏହାକୁ ନେଇ ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ବନାଞ୍ଚଳବାସୀ।

କାମାକ୍ଷାନଗର ବନାଞ୍ଚଳରେ ଗତ ୩ବର୍ଷ ଭିତରେ ବିଭିନ୍ନ କାରଣରୁ ୧୧ ହାତୀଙ୍କ ମୃତ୍ୟୁ ଘଟିଛି। ସେହିପରି ହାତୀ ଆକ୍ରମଣରେ ଯାଇଛି ୨୯ ଜୀବନ। ବନ ବିଭାଗର ସମସ୍ତ ଉଦ୍ୟମ ସତ୍ତ୍ୱେ ହାତୀ-ମଣିଷ ମୁହାଁମୁହିଁ ପରିସ୍ଥିତି ଏଡ଼ାଇ ହେଉନାହିଁ। ଦିନକୁ ଦିନ ହାତୀ ଉପଦ୍ରବ ବଢୁଥିବାବେଳେ କର୍ମଚାରୀ ଅଭାବ ବିଭାଗ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। କରୋନା ସମୟରେ ଫସଲ କ୍ଷତି ସହିବା ଅବସ୍ଥାରେ ନ ଥିବା ଚାଷୀ ହାତୀପଲ ଉତ୍ପାତରେ ସର୍ବାଧିକ ପ୍ରଭାବିତ ହେଉଛନ୍ତି, ଯାହା ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

କାମାକ୍ଷାନଗର ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ, ମହାବିରୋଡ ଏବଂ ଭୁବନ ରେଞ୍ଜକୁ ନେଇ ଗଠିତ କାମାକ୍ଷାନଗର ବନାଞ୍ଚଳ। ତନ୍ମଧ୍ୟରେ ପଶ୍ଚିମାଞ୍ଚଳ ଏବଂ ମହାବିରୋଡ ରେଞ୍ଜ ସର୍ବାଧିକ ହାତୀ ଉପଦ୍ରୁତ। କେନ୍ଦୁଝର ବନାଞ୍ଚଳକୁ ଲାଗି ରହିଥିବାରୁ ଉଭୟ ରେଞ୍ଜକୁ ଶତାଧିକ ହାତୀ ଖାଦ୍ୟ ଅନ୍ୱେଷଣରେ ପଶି ଆସୁଛନ୍ତି। ଫଳରେ କ୍ଷୟକ୍ଷତି ସୀମା ଟପୁଛି ଏବଂ ହାତୀ-ମଣିଷ ବିବାଦ ବଢୁଛି। ଗତ ୩ ବର୍ଷରେ ମହାବିରୋଡ ରେଞ୍ଜରେ ବିଭିନ୍ନ କାରଣରୁ ୭ ହାତୀ ଏବଂ ୨୦ ମଣିଷଙ୍କ ଜୀବନ ଯାଇଛି। ଏହି ସମୟରେ କାମାକ୍ଷାନଗର ପୂର୍ବାଞ୍ଚଳ ଏବଂ ଭୁବନ ରେଞ୍ଜ୍‌ରେ କୌଣସି ହାତୀ ମରିନାହାନ୍ତି। ଉଭୟ ରେଞ୍ଜରୁ ହାତୀ ଆକ୍ରମଣର ଶିକାର ହୋଇ ୨ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍‌ରେ ୪ ହାତୀ ମରିଥିବାବେଳେ ୭ ଜୀବନ ଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏବେ ମହାବିରୋଡ ରେଞ୍ଜରେ ୪୫ରୁ ଊର୍ଦ୍ଧ୍ୱ ହାତୀ ଥିବାବେଳେ କାମାକ୍ଷାନଗର ପୂର୍ବାଞ୍ଚଳ ଏବଂ ପଶ୍ଚିମାଞ୍ଚଳରେ ୨୦ ହାତୀ ବିଚରଣ କରୁଛନ୍ତି। ଫସଲ ଅମଳ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଖାଦ୍ୟ ଅନ୍ୱେଷଣରେ ସେମାନେ ଗାଁମୁହାଁ ହେଉଛନ୍ତି। ବାର୍ହା, ହରିଣ, କୁଟୁରାଙ୍କ ଉପଦ୍ରବରେ ଚାଷୀ ଅତିଷ୍ଠ ହୋଇଗଲେଣି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ସହ ତୁରନ୍ତ ହାତୀଙ୍କୁ ଅନ୍ୟତ୍ର ଘଉଡ଼ାଇବାକୁ ଉପଦ୍ରୁତ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ ବିଭୁଦାନନ୍ଦ ମିଶ୍ର କୁହନ୍ତି, ହାତୀପଲ ବାରମ୍ବାର ସ୍ଥାନ ବଦଳାଉଛନ୍ତି। କମ୍ ସଂଖ୍ୟକ କର୍ମଚାରୀରେ ସେମାନଙ୍କୁ ଘଉଡ଼ାଇବା ସମ୍ଭବ ହେଉନାହିଁ। ତଥାପି ଉଦ୍ୟମ କରାଯାଉଛି। ଅଭିଯୋଗ ଅନୁଯାୟୀ କ୍ଷୟକ୍ଷତି ଆକଳନ କରି ଫସଲ କ୍ଷତିପୂରଣ ଦିଆଯିବ।

### ଦଳିଦେଲା ଦନ୍ତା

କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ ଖଟୁଆହତା ଗ୍ରାମର କାର୍ତ୍ତିକ ସାହୁ (୭୫)ଙ୍କ ଶନିବାର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ସେ ଜଙ୍ଗଲକୁ ଶୌଚ ହେବାକୁ ଯାଇଥିବାବେଳେ ଏକ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଘୋଷାଡ଼ି ନେଇ ଦଳିଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅବଶିଷ୍ଟ ୩.୬୦ ଲକ୍ଷ ଟଙ୍କା ତୁରନ୍ତ ଦିଆଯିବ ବୋଲି ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ ବିଭୁଦାନନ୍ଦ ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୪ଦିନ ତଳେ ମହାବିରୋଡ ରେଞ୍ଜ ଅଧୀନ ପାଣିଗେଣ୍ଡିଆ ଗ୍ରାମରେ ଜଣେ ମହିଳାଙ୍କୁ ହାତୀ ଦଳି ମାରିଦେଇଥିଲା।

